# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 17th February - 2025
***********************************

*Desk*

## ଅର୍ଥନୈତିକ ସର୍ଭେ ରିପୋର୍ଟ

ସପ୍ତଦଶ ବିଧାନସଭା ଅଧିବେଶନରେ ଆଜି ୨୦୨୫-୨୬ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଏହା ପୂର୍ବରୁ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୪-୨୫ ପ୍ରକାଶ ପାଇଛି। ସର୍ଭେ ରିପୋର୍ଟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଥିବା ଦର୍ଶାଯାଇଛି।

*Puri/R*

## ମୁଖ୍ୟମନ୍ତ୍ରୀ - ସତ୍ୟବାଦୀ

ପୁରୀ ଜିଲ୍ଲା ସତ୍ୟବାଦୀର ଅସ୍ମିତା ଓ ଗୌରବକୁ ଆଧାର କରି ଅଞ୍ଚଳର ଆବଶ୍ୟକ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁଯୋଗର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସତ୍ୟବାଦୀ ମହୋତ୍ସବ-

୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ନବଜାଗରଣର ପୀଠ ସତ୍ୟବାଦୀ ବନବିଦ୍ୟାଳୟର ପୁନରୁଦ୍ଧାରପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ବିଦ୍ୟାଳୟର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବର୍ତ୍ତମାନର ପିଢ଼ିକୁ ଅବଗତ କରାଇବାପାଇଁ ବକୁଳବନରେ ଏହାର ମୌଳିକଢାଞ୍ଚା ଅନୁରୂପ ଶିକ୍ଷା ପରିବେଶ ବିକଶିତ କରାଯିବ । ଏହାକୁ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***IPR***

## ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ପଡ଼ିଆରେ ଆୟୋଜିତ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି କହିଛନ୍ତି, ରାଜ୍ୟରେ ବିସ୍ତୀର୍ଣ୍ଣ ଉପକୂଳ ଓ ଆଭ୍ୟନ୍ତରୀଣ ଜଳଉତ୍ସ ରହିଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ନେତୃତ୍ୱ ନେବାର ସମ୍ଭାବନା ଓ ସୁଯୋଗ ରହିଛି ।

କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଚାଷୀମାନଙ୍କ ସହ ସିଧାସଳଖ ଭାବେ ବିଭିନ୍ନ ସମସ୍ୟା ଏବଂ ସମାଧାନ ବିଷୟରେ ଆଲୋଚନା କରିଥିଲେ । ଏହି ତିନିଦିନିଆ ସମାବେଶରେ ପ୍ରାୟ ୧ ଲକ୍ଷରୁ ଅଧିକ ମତ୍ସ୍ୟଚାଷୀ, ପ୍ରାଣୀପାଳକ, ଉଦ୍ୟୋଗୀ, ବିଶେଷଜ୍ଞ ସାମିଲ୍ ହୋଇଥିଲେ ।

*Desk*

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ଏବଂ ୨୪ ତାରିଖ ଦିନ ବନ୍ଦ ରହିବ। ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ।

*IPR*

## ସୁଭଦ୍ରା ଯୋଜନା

ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଶ୍ରୀମତୀ ଗର୍ଗ ସମସ୍ତ ଜିଲ୍ଲାରେ ସୁଭଦ୍ରା ଯୋଜନାର କ୍ଷେତ୍ରିୟ  ତଦନ୍ତ ପ୍ରକ୍ରିୟାକୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ତ୍ୱରାନ୍ୱିତ କରି ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଜନାରେ ହିତାଧିକାରୀଙ୍କ ଇ-କେ.ଓ୍ୱାଇ.ସି. ପ୍ରକ୍ରିୟା ଶେଷ କରିବା ଏବଂ ଡି.ବି.ଟି.ପାଇଁ ସଚେତନ କରିବାକୁ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାର ଆସନ୍ତା ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ

ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିବେ ।

***Desk***

## ବିଦ୍ୟୁତ୍ ଶୁଳ୍କ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ - ଓ.ଇ.ଆର୍.ସି. ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ୍ ଦର ନିର୍ଦ୍ଧାରଣ ଲାଗି ଆଜିଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ପ୍ରସ୍ତାବ ଉପରେ ଜନଶୁଣାଣି କରିବେ । ସୂଚନା ଅନୁସାରେ, ଆଗାମୀ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ୫୪ ପଇସା ବଢ଼ାଇବାପାଇଁ ଗ୍ରୀଡ୍‌କୋ ପକ୍ଷରୁ ଓ.ଇ.ଆର୍.ସି.ଙ୍କ ନିକଟରେ ଆବେଦନ କରାଯାଇଛି ।

***Bhadrak/R***

## ମିଶନ ବାତ୍ସଲ୍ୟ

ଭଦ୍ରକ ଜିଲ୍ଲା ଆରକ୍ଷୀ ମୁଖ୍ୟ କାର୍ଯ୍ୟାଳୟରେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ଶିଶୁଙ୍କୁ 'ମିଶନ ବାତ୍ସଲ୍ୟ' ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଆଦି ମୌଳିକ ସମସ୍ୟା ଦିଗରେ ସେମାନଙ୍କୁ ସହାୟତା ଯୋଗାଇଦେବା ନେଇ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା ।

*IPR*

# ନାଟକ ଉତ୍ସବ

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' ଆରମ୍ଭ ହୋଇଛି । ଗତକାଲି ପ୍ରଥମ ସନ୍ଧ୍ୟାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୀବନୀକୁ ଆଧାର କରି ମଞ୍ଚସ୍ଥ ନାଟକ 'ନିଃସଙ୍ଗ ନାୟକ' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆୟୋଜିତ ଏହି ଉତ୍ସବ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Desk*

# ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍‌ର ପୁରୁଷ ବର୍ଗରେ ଗତକାଲି ଭାରତ ସ୍ପେନ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରିଛି ।

ଅନ୍ୟପକ୍ଷରେ ମହିଳା ବର୍ଗରେ ଭାରତ ଇଂଲଣ୍ଡଠାରୁ ପରାସ୍ତ ହୋଇଛି । ଏହି ମ୍ୟାଚ୍‌ରେ ଉଭୟ ଦଳ ୨-୨ ଗୋଲ୍ ସ୍କୋର କରିଥିଲେ । ତେବେ ପେନାଲ୍‌ଟି ସୁଟ୍ ଆଉଟ୍‌ରେ ଇଂଲଣ୍ଡ ବିଜୟୀ ହୋଇଥିଲା ।

***Desk***

# ସେଲିବ୍ରିଟି କ୍ରିକେଟ୍

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ସେଲିବ୍ରିଟି କ୍ରିକେଟ୍ ଲିଗ୍‌ର ଭିନ୍ନ ଭିନ୍ନ ମ୍ୟାଚ୍‌ରେ ପଞ୍ଜାବ ଦେ ସେର୍ ଓ ବେଙ୍ଗଲ୍ ଟାଇଗର୍ସ ବିଜୟୀ ହୋଇଛନ୍ତି । ଅପରାହ୍ଣରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ୧୩ ରନ୍‌ରେ ଭୋଜପୁରୀ ଦବଙ୍ଗ୍‌ସକୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗଲ୍ ଦଳ ମୁମ୍ବାଇ ହିରୋଜ୍ ବିପକ୍ଷରେ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା ।

***Desk***

# ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ୧୩ଟି ସହରର ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଅପରପକ୍ଷରେ ରାଜ୍ୟର କେତେକ ସ୍ଥାନରେ ଆସନ୍ତା ବୁଧବାରଠାରୁ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

*****